**କୋଭିଡ୍-୧୯ର ଦ୍ୱିତୀୟ ଲହର ନେଇ ସଚେତନତା**

**ବୈପାରୀଗୁଡ଼ା,ଡି.ଏନ୍.ଏ.):** ବୁଧବାର ଶହୀଦ୍ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଭର୍ଚୁଆଲ ମାଧମରେ କୋଭିଡ୍-୧୯ର ଦ୍ୱିତୀୟ ଲହର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁ, ଓୟୁଏଚିର ଆସିଷ୍ଟାଣ୍ଟ କୋର୍ଡିନେଟର, ନିରୋଦାବରନ୍ ଖୁଣ୍ଟିଆ, ଏନଏସଏସର ଜିଲା ପ୍ରକଳ୍ପ ଅଧିକାରୀ କିଶୋର ଚନ୍ଦ୍ର ବେହେରା, କଲେଜ ଅଧକ୍ଷା ସ୍ନେହଲତା ପଟ୍ଟନାୟକ ଉପସ୍ଥିତ ରହି କୋଭିଡ୍ ମହାମାରୀର ଭୟବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହାକୁ ଜାତୀୟ ସେବା ଯୋଜନା ଅଧିକାରୀ ଜ୍ୟୋତି ପାଢୀ ଏବଂ ହିମାଂଶୁ ଶେଖର ବକ୍ସି ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଉଡ଼ନ୍ତା ଗୁଣ୍ଡୁଚି ଉଦ୍ଧାର

**ଉମରକୋଟ, ୨୬।୫(ସ୍ୱ.ପ୍ର.):** ଉମରକୋଟ ବ୍ଲକ ତାରାଗୁଡ଼ା ଗ୍ରାମ ଭାମିନି ପଞ୍ଚାୟତର ଜଣେ ବ୍ୟକ୍ତିଙ୍କ ଭାଲିଆବାଡ଼ରେ ଏକ ଅଜଣା ଜନ୍ତୁକୁ ଦେଖି ଗ୍ରାମବାସୀ ବନ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଖବରପାଇ ବନ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ ଓ ଫରେଷ୍ଟର ଚନ୍ଦ୍ର ଦାସନାଗ ଘଟଣାସ୍ଥଳରେ ପହଞ୍ଚି ଜନ୍ତୁଟିକୁ ଉଦ୍ଧାରକରି ଉମରକୋଟ ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଉଦ୍ଧାର ଜନ୍ତୁଟି ଉଡ଼ନ୍ତା ଗୁଣ୍ଡୁଚି ବୋଲି ବନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି। ବର୍ତ୍ତମାନ ଏମାନଙ୍କ ସଂଖ୍ୟା କମିଯାଇଥିବା ସେ କହିଛନ୍ତି। ଏମାନେ ରାତି ସମୟରେ ବୁଲାବୁଲି କରନ୍ତି। ଉଦ୍ଧାର ଉଡ଼ନ୍ତା ଗୁଣ୍ଡୁଚିକୁ ଜଙ୍ଗଲରେ ଛଡ଼ାଯାଇଛି ବୋଲି ଉମରକୋଟ ବନ ଅଧିକାରୀ ସୂଚନା ଦେଇଛନ୍ତି।

### ରାୟଗଡ଼ା ଜିଲାରୁ ୨୨୩ ପଜିଟିଭ, ୧ ମୃତ

**ରାୟଗଡ଼ା ଅଫିସ,୨୬।୫:** ରାୟଗଡା ଜିଲାରେ କରୋନା ସଂକ୍ରମଣ ଥମୁନି। ୨୪ ଘଣ୍ଟାରେ ଜିଲାରୁ ଆଉ ୨୨୩ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୩୪, କାଶୀପୁରରୁ ୩୦, ପଦ୍ମପୁର ବ୍ଲକ୍‌ରୁ ୨୭, ବିଷମକଟକରୁ ୨୬, ରମନାଗୁଡ଼ାରୁ ୧୯, ମୁନିଗୁଡ଼ାରୁ ୧୮, କୋଲନରାରୁ ୧୩, ଗୁଣପୁର ଗ୍ରାମାଞ୍ଚଳରୁ ୧୭, ଗୁଡାରିରୁ ୧୦, ଚନ୍ଦ୍ରପୁରରୁ ୧୧, ଗୁଣପୁର ସହରାଞ୍ଚଳରୁ ୯, କଲ୍ୟାଣସିଂହପୁରରୁ ୩ ଓ ରାୟଗଡ଼ା ଗ୍ରାମାଞ୍ଚଳରୁ ୬ ଜଣ ରହିଛନ୍ତି। ସେହିପରି ଜିଲାରୁ ଆଉ ଜଣଙ୍କ ମୃତ୍ୟୁ ଘଟିଥିବା ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ମୃତକ ଜଣେ ୪୨ ବର୍ଷୀୟା ମହିଳା ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ନୂତନ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ ପଜିଟିଭଙ୍କ ସଂଖ୍ୟା ୧୪୭୯୫ରେ ପହଞ୍ଚିଛି। ଜିଲାରେ ଆଉ ୧୭୨୦ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେହିପରି ଜିଲାରେ ମୃତକଙ୍କ ସଂଖ୍ୟା ୯୬ ରେ ପହଞ୍ଚିଥିବା ଜଣାପଡ଼ିଛି।

### ମହାମାରୀରୁ ମୁକ୍ତି ପାଇଁ ଯଜ୍ଞ



**ଗୁଣପୁର,୨୬।୫(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଗୁଣପୁର ବ୍ରହ୍ମଣ ସମାଜର ପ୍ରେରଣାରେ ମଙ୍ଗଳବାର ନୃସିଂହ ଚତୁର୍ଦ୍ଦଶୀ ଅବସରରେ କଲେଜ ନିକଟ ଶ୍ରୀ କାଶୀ ବିଶନାଥ ମନ୍ଦିରରେ ସତନ୍ତ୍ର ପୂଜାର୍ଚ୍ଚନା, ହୋମ ଯଜ୍ଞ ଆୟୋଜନ ହୋଇଥିଲା। ଏଠାରେ ରୁଦ୍ରାଭିଷେକ ସହ ଯଜ୍ଞ କରାଯାଇଥିଲା। କର୍ତ୍ତାଭାବେ କାଳୀ ଚରଣ ରଥ ଏବଂ ପତ୍ନୀ ନିରୁପମା ରଥ ପୂଜା କାର୍ଯ୍ୟ କରିଥିଲେ। ପୂଜକ ରୂପେ ସୂର୍ଯ୍ୟ ନାରାୟଣ ରଥ ଏବଂ ଗୁପ୍ତେଶ୍ୱର ଆଚାର୍ଯ୍ୟ ପୂଜା , ଅଭିଷେକ ଓ ଯଜ୍ଞ କାର୍ଯ୍ୟ କରିଥିଲେ। କରୋନା ମହାମାରୀରୁ ମୁକ୍ତି ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସତ୍ୟ ନାରାୟଣ ଆଚାର୍ଯ୍ୟ, ଗୋପାଳ କୃଷ୍ଣ ପାଣିଗ୍ରାହୀ ସହଯୋଗ କରିଥିଲେ।

### ଜାତୀୟ ପଥରେ ଭାରିଯାନ ମନା

**ଜୟପୁର,୨୬।୫ (ନି.ପ୍ର.):** ବିକ୍ରମଦେବ ମହାବିଦ୍ୟାଳୟ ସମ୍ମୁଖରେ ଗୁରୁବାର ଫୁଟ୍‌ୱେ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିଯୋଗୁ ସହରର ମୁଖ୍ୟ ଟ୍ରାଫିକ ଛକ ଏବଂ ଖ୍ରୀଷ୍ଟିଆନ ପେଟା ଛକର ଅପରପାର୍ଶ୍ୱରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିବ। ଗୁରୁବାର ସକାଳ ୧୧ ଟାରୁ ୨୮ ତାରିଖ ସକାଳ ୧୦ଟା ପର୍ଯ୍ୟନ୍ତ ସମସ୍ତ ଭାରିଯାନ ଖ୍ରୀଷ୍ଟିଆନ ପେଟା ଛକ-ପାୱାର ହାଉସ ଛକ-ଗାନ୍ଧୀ ଛକ ଦେଇ କୋରାପୁଟକୁ ଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଚରଣ ରାମଦାସଙ୍କ ସ୍ମୃତିସଭା

**ରାୟଗଡ଼ା ଅଫିସ,୨୬।୫:** ଜଗନ୍ନାଥ ସଂସ୍କୃତି ପ୍ରବକ୍ତା ପଣ୍ଡିତ ଚରଣ ରାମଦାସଙ୍କ ବିୟୋଗରେ ବୁଧବାର ରାୟଗଡ଼ାଠାରେ ଏକ ଅନ୍‌ଲାଇନ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଜାଦ ହିନ୍ଦ୍ ୟୁଥ ଆସୋସିଏଶନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଙ୍ଗଠନ ସହ ଦିବଂଗତ ଚରଣ ରାମଦାସଙ୍କ ସମ୍ପର୍କ ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଶିକ୍ଷାବିତ ଦୁଷ୍ମନ୍ତ କୁମାର ମହାନ୍ତି, ଗୋପିନାଥ ସାହୁ, ଅଇନଜୀବୀ ବ୍ରଜସୁନ୍ଦର ନାୟକଙ୍କ ସମେତ ସଂଘର ସଭାପତି ପ୍ରଦୀପ କୁମାର ମହାପାତ୍ର, ଉପସଭାପତି ନୀଳମଣି ପାଟ୍ଟଯୋଶୀ, ମିହିର କୁମାର ପଣ୍ଡା, ଜିତେନ୍ଦ୍ର କୁମାର ରେଡ୍ଡି, ସୁରଜ କୁମାର ସ୍ୱାଇଁ, ଦେବୀ ପଟ୍ଟନାୟକ, ହରିଶ ଚନ୍ଦ୍ର ସାହୁ, ରାଜଲକ୍ଷ୍ମୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସଧାରଣ ସମ୍ପାଦକ ବିନାୟକ କର ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ଏସ୍ଏଚ୍‌ଜି ଗୋଦାମରୁ ୨୦ ବସ୍ତା ଗହମ ଗାଏବ

## ପ୍ରତିବାଦ କରିବାରୁ ସମ୍ପାଦିକାଙ୍କୁ ହତ୍ୟା ଧମକ

**ସେମିଳିଗୁଡ଼ା/ସୁନାବେଡ଼ା, ୨୬।୫(ସ୍ୱ.ପ୍ର.)**



ଗୋଦାମରେ ରଖାଯାଇଥିବା ଗହମ।

କୋରାପୁଟ ଜିଲା ସୁନାବେଡ଼ାସ୍ଥିତ ଅଞ୍ଜଳି ଏସ୍ଏଚ୍‌ଜିକୁ ସରକାର ଅଙ୍ଗନୱାଡି କେନ୍ଦ୍ରକୁ ଶିଶୁ ଖାଦ୍ୟ ଛତୁଆ ଯୋଗାଣ ଲାଗି ୧୪୦ ବସ୍ତା ଗହମ ଯୋଗାଇ ଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଏହାକୁ ସେମିଳିଗୁଡ଼ାର ବିଲେଇଗୁଡ଼ାସ୍ଥିତ ଗ୍ରୁପ୍‌ର ଗୋଦାମରେ ସମ୍ପାଦିକା ସୁଷମା ଦଳେଇଙ୍କ ଉପସ୍ଥିତିରେ ରଖାଯାଇଥିଲା। ତେବେ ବୁଧବାର ସକାଳେ ଏଥିରୁ ୨୦ ବସ୍ତା ଗହମ ଗାଏବ ହୋଇଯାଇଥିବା ଜଣାପଡ଼ିଛି। ଏନେଇ ଅଭିଯୋଗକରି ସମ୍ପାଦିକା ସୁଷମା କହିଛନ୍ତି, ମଙ୍ଗଳବାର ସନ୍ଧ୍ୟା ୬ଟାରେ ତାଙ୍କ ଉପସ୍ଥିତିରେ ୧୪୦ ବସ୍ତା ଗହମ ଗୋଦାମରେ ରଖାଯାଇଥିଲା। ବୁଧବାର ସେଥିରୁ ୨୦ ବସ୍ତା ଗହମ କୁଆଡ଼େ ଗାଏବ ହୋଇଯାଇଛି। ଏ ବିଷୟରେ ସେ ଗ୍ରୁପ୍ ସଭାପତି ନମିତା ସାହୁଙ୍କୁ ଜଣାଇ ତାଙ୍କୁ ଗହମ ସମ୍ପର୍କରେ ପଚାରିବାରୁ ସଭାପତି ନମିତା ରାଗିଯାଇ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଗହମ ସମ୍ପର୍କରେ ପଚାରିବା ତୋର ଅଧିକାର ନାହିଁ। ଏଥିରେ ମୁଣ୍ଡ ଖେଳାଇଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ସେଠାରେ ଉପସ୍ଥିତ ଥିବା ସଭାପତି ନମିତାଙ୍କ ସ୍ୱାମୀ ଯୁଧିଷ୍ଠିର ସାହୁ ତାଙ୍କ ହାତକୁ ଟାଣି ମାଡ଼ମାରି ତାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ କାହାକୁ କିଛି କହିଲେ ତୋତେ ଜୀବନରୁ ମାରିଦେବି ବୋଲି କହିଥିଲେ। ସୂଚନାଯୋଗ୍ୟ, ସୁଷମା ୯ ବର୍ଷ ହେଲା ଏହି ଗ୍ରୁପ୍‌ର ସଦସ୍ୟ ଅଛନ୍ତି। ଗତ ୨ ବର୍ଷ ହେଲା ସେ ଗ୍ରୁପ୍‌ର ସମ୍ପାଦିକା ଭାବେ ଦାୟିତ୍ୱ ତୁଲାଉଛନ୍ତି। ଗତ କିଛିଦିନ ହେଲା ଗ୍ରୁପ୍‌ର ସଭାପତି ନମିତା ତାଙ୍କୁ ଗ୍ରୁପ୍ ସମ୍ବନ୍ଧୀୟ କୌଣସି ତଥ୍ୟ ଦେଉନାହାନ୍ତି। ବିଗତ ଦିନରେ ଉକ୍ତ ଗ୍ରୁପ୍‌କୁ ଆସିଥିବା ଗହମ, ବୁଟ, ବାଦାମ ଓ ଚିନି ବାବଦ ଟଙ୍କା ବାଟବାରଣା ହେଉଥିବା ସୁଷମା ଅଭିଯୋଗ କରିଛନ୍ତି। କେଶ୍ ନଂ. ୫୮/୨୧। ଏନେଇ ସମ୍ପାଦିକା ସେମିଳିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିବା ସହ ସିଡିପିଓ ସୌଦାମିନୀ ମିଶ୍ରଙ୍କୁ ଅଭିଯୋଗ ପତ୍ର ଦେଇଛନ୍ତି। ଏ ସମ୍ପର୍କରେ ସିଡିପିଓ ମିଶ୍ରଙ୍କୁ ପଚାରିବାରୁ ଏନେଇ କୌଣସି ଅଭିଯୋଗ ତାଙ୍କର ହସ୍ତଗତ ହୋଇ ନ ଥିବା ପ୍ରକାଶକରି ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି। ଜିଲାପାଳ ଅବଦଲ ଏମ୍ ଅଖତରଙ୍କୁ ଯୋଗାଯୋଗ କରିବାରୁ ସେ ଏ ସମ୍ପର୍କରେ ପ୍ରଥମେ ଇଓଙ୍କୁ ଜଣାଇବାକୁ ପରାମର୍ଶ ଦେଇ କିଛି କାର୍ଯ୍ୟନୁଷ୍ଠାନ ନ ହେଲେ ତାଙ୍କସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ଏନେଇ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନ ଥିବା ପ୍ରକାଶ କରି ଅଭିଯୋଗ ଆସିଲେ ଦେଖିବା ବୋଲି କହିଛନ୍ତି। ଉପଜିଲାପାଳ ଲଳିତ ମୋହନ କହଁରଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏଥିପ୍ରତି ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ଦିନ ତମାମ ବୋହିଲା ପବନ, ଭାଙ୍ଗିଲା ଗଛଡାଳ

**କୋରାପୁଟ,୨୬।୫(ସ୍ୱ.ପ୍ର.)**

**କୋରାପୁଟରେ ୟାସ୍ ପ୍ରଭାବ**



କୋରାପୁଟରେ ପଡିଛି ୟାସ୍‌ର ପ୍ରଭାବ। ଏଥିଯୋଗୁ ବୁଧବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୬ଟା ଯାଏ ଭୀଷଣ ପବନ ବୋହିଥିଲା। କୋରାପୁଟ ସହର ସମେତ ଆଖପାଖ ଅଞ୍ଚଳରେ ଅନେକ ଗଛର ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ସହରରେ ପ୍ରାୟ ୪ଘଣ୍ଟା ଧରି ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିଲା। ସ୍ଥାନୀୟ କଳାନିକେତନ ଛକ ସମ୍ମୁଖ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ବରଗଛ ଡାଳ ଭାଙ୍ଗି ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ କର୍ମଚାରୀ ଖବର ପାଇ ଅଗ୍ନିଶମ ଅଧିକାରୀ ମାନସ ରାଉତଙ୍କ ନେତୃତ୍ୱରେ ଏକ ଟିମ୍ ପହଞ୍ଚି ଗଛଡାଳକୁ କାଟି ରାସ୍ତା ସଫା କରିଥିଲେ। ସେହିପରି ସହରର ଆଖପାଖ କେତେକ ଅଞ୍ଚଳରେ ମଧ ଡାଳ ଭାଙ୍ଗିପଡିଥିବା ଜଣାପଡିଛି।

## ଇଟାରେ ପିଟି ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଅଟକ

**ମାଲକାନଗିରି/ଏମ୍‌ଭି ୭୯, ୨୬।୫(ଡି.ଏନ.ଏ.)**

କାଲିମେଳା ବ୍ଲକ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ତଣ୍ଡାବାଇ ଗ୍ରାମରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ପୋଲିସଅଭିଯୁକ୍ତ ସ୍ୱାମୀ ସୁରେଶ ମାଡକାମିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଖବରରୁ ଜଣାପଡିଛି ୨୩ ତାରିଖରେ ସୁରେଶଙ୍କ ସ୍ତ୍ରୀ ସାଇ ମାଡକାମି ଘର ପାଖରେ ଥିବା ଅଳିଆକୁ ନିଆଁ ଲଗାଇ ଜାଳି ଦେଇଥିଲେ। ଏହି ନିଆଁ ପବନରେ ଉଡିଯାଇ ପାଖରେ ଥିବା ଏକ ଘର ଉପରେ ପଡିବାରୁ ସମ୍ପୃକ୍ତ ଘରଟି ପୋଡିଯାଇଥିଲା। ଏଥିରେ ରାଗିଯାଇ ସୁରେଶ ଏକ ଇଟାରେ ସ୍ତ୍ରୀ ସାଇଙ୍କୁ ପିଟିଥିଲେ। ଏଥିରେ ସାଇ ଗୁରୁତର ହୋଇପଡିଥିଲେ। ତା'ପରଦିନ ତାଙ୍କୁ ଏମ୍‌ଭି ୭୯ ସ୍ୱାସ୍ଥକେନ୍ଦ୍ରକୁ ଅଣାଯିବା ବାଟରେ ସାଇଙ୍କ ମୃତ୍ୟୁ ହୋଇଥିଲା। ଖବର ପାଇ ଜିନେଲିଗୁଡା ଗ୍ରାମରେ ରହୁଥିବା ସାଇଙ୍କ ଭାଇ ସୋଡ଼ି ଏଙ୍କା ଏମଭି-୭୯ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ କେସ୍ ନଂ ୪୭/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡରେ ସ୍ୱାମୀ ସୁରେଶ ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରି ପଚରାଉଚରା କରାଯାଉଛି ବୋଲି ଥାନା ଅଧିକାରୀ ଅଶୋକ କୁମାର ବିଶୋୟୀ କହିଛନ୍ତି।

# ମଦଦୋକାନ ଖୋଲିବାକୁ ବିରୋଧ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବୁଦ୍ଧିଜୀବୀମାନେ।

**ନବରଙ୍ଗପୁର,୨୬।୫(ବି.ପ୍ର.)**

ନବରଙ୍ଗପୁର ପୌରାଞ୍ଚଳ ଅଧୀନ ୱାର୍ଡ ନଂ. ୧୩ ଓ ୧୪ରେ ନୂତନ ଭାବେ ଖୋଲିବାକୁ ଥିବା ଏକ ବିଦେଶୀ ମଦଦୋକାନ ବିରୋଧରେ ଅଞ୍ଚଳବାସୀ ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ନୂତନ ଭାବେ ମଦଦୋକାନ ଖୋଲିବାକୁ ଜଣେ ବ୍ୟକ୍ତି ଚେଷ୍ଟା କରୁଥିବା ବେଳେ ଏହି ପ୍ରସ୍ତାବିତ ଦୋକାନଟି ଅବକାରୀ ବିଭାଗ ଦସ୍ତାବିଜ ଅନୁସାରେ ୧୫ ନମ୍ବର ୱାର୍ଡ ନିମନ୍ତେ ଉଲ୍ଲେଖ ରହିଛି। ତେଣୁ ବେଆଇନ ଭାବେ ୧୩ ଓ ୧୪ ନମ୍ବର ୱାର୍ଡ ଅଞ୍ଚଳରେ ଏହା ଖୋଲିବା ଆଇନ ସମ୍ମତ ନୁହେଁ। ଏହା ବ୍ୟତୀତ ପ୍ରସ୍ତାବିତ ଅଞ୍ଚଳ ପାରିପାର୍ଶ୍ୱରେ ଉତ୍କଳ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବିଦ୍ୟାର୍ଥୀ ସାଇନ୍ସ କଲେଜ, କଲେଜ ଛାତ୍ରୀବାସ, ଛାତ୍ର ନିବାସ ସମେତ ଏହି ୱାର୍ଡରେ ଅଧିବାସୀ ଗାଦବା ବସ୍ତି ଆଦି ଅଞ୍ଚଳ ରହିଛି। ଉକ୍ତ ରାସ୍ତାକୁ ବାଇପାସ୍ ରାସ୍ତା ରୂପେ ବ୍ୟବହାର କରାଯାଉଛି। ଏହି ରାସ୍ତା ଦେଇ ଭାରି ଯାନବାହନ ଯାତାୟାତ କରୁଛି। ପ୍ରସ୍ତାବିତ ମଦଦୋକାନ ଆଖପାଖ ଅଞ୍ଚଳରେ ନୂତନ କଲୋନି ଗଢି ଉଠିଥିବା ବେଳେ ଅନେକ ସଭ୍ୟ ପରିବାର ବସବାସ କରୁଛନ୍ତି। ଏହି ଅଞ୍ଚଳରେ ନୂତନ ମଦଦୋକାନ ଖୋଲାଗଲେ ଛାତ୍ରୀଛାତ୍ର, ମହିଳା, ଶିଶୁମାନେ ପ୍ରଭାବିତ ହେବା ସହ ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ତେଣୁ ସେଠାରେ ମଦ ଦୋକାନ ନ ଖୋଲିବାକୁ ଅଞ୍ଚଳବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହା ସତ୍ତ୍ୱେ ମଦ ବ୍ୟବସାୟୀ ଚାପ ସୃଷ୍ଟି କରି ମଦ ଦୋକାନ ଖୋଲିଲେ ଏହାକୁ ଦୃଢ଼ ବିରୋଧ କରାଯିବା ସହ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ୱାର୍ଡର ପୂର୍ବତନ କାଉନସିଲର ମଧୁ ଗାଦବା, ଓକିଲ ପ୍ରଶାନ୍ତ ପଟ୍ଟନାୟକ ଓ ଉତ୍କଳ କଲେଜ ଅଧକ୍ଷା ବିଜୟଲକ୍ଷ୍ମୀ ମହାରଣା ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ବରିଷ୍ଠ ଆଇନଜୀବୀ ଶ୍ୟାମପ୍ରସାଦ ଗନ୍ତାୟତ , ଅଲେଖ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖବରଦାତାଙ୍କୁ ହତ୍ୟା ଧମକ, ଥାନାରେ ଅଭିଯୋଗ

**ପାପଡାହାଣ୍ଡି/ମଇଦଲପୁର, ୨୬।୫(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମଇଦଲପୁରରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ଜନୈକ ବ୍ୟକ୍ତି ବୁଧବାର ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏ ନେଇ ଓୟୁଜେ ନବରଙ୍ଗପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଖବରଦାତାମାନେ ମଇଦଲପୁର ଫାଣ୍ଡି ଅଧିକାରୀ ଅନାମ ଡିଆନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ମଇଦଲପୁର ଫାଣ୍ଡିରେ ଆସିଥିବା ଏକ ଏତଲାକୁ ଭିତ୍ତି କରି ଖବରଦାତାମାନେ ଖବର ସଂଗ୍ରହ କରୁଥିଲେ। ସମ୍ପୃକ୍ତ ବ୍ୟକ୍ତି ଆସି ଖବର ପ୍ରସାରଣ ନ କରିବାକୁ ଧମକ ଦେଇଥିଲେ। ଆପୋଷ ବୁଝାମଣା ପରେ ଖବରଦାତାମାନେ ସେଠାରୁ ଫେରିଆସିଥିଲେ। ପରେ ସମ୍ପୃକ୍ତ ବ୍ୟକ୍ତି ଆସି ଜନୈକ ଖବରଦାତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ସୂଚନା ମିଳିଛି।

## ଡୁମୁରିପୁଟ ଲ୍ୟାମ୍ପସ୍‌ରେ ନିଆଁ

**କୋରାପୁଟ,୨୬।୫(ସ୍ୱ.ପ୍ର.)**



ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ବୁଧବାର କୋରାପୁଟ ଜିଲା ଡୁମୁରିପୁଟ ଲ୍ୟାମ୍ପସ୍‌ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲ୍ୟାମ୍ପସ୍‌ର ଅନେକ ଫାଇଲପତ୍ର ପୋଡ଼ିଯାଇ ନଷ୍ଟ ହୋଇଛି। କୋରାପୁଟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ ଲ୍ୟାମ୍ପସ୍‌ର ଲୋନ୍ ଫାଇଲ, ଲ୍ୟାମ୍ପସ କାଗଜପତ୍ର ସହ ପ୍ରିଣ୍ଟର ପୋଡ଼ିଯାଇଥିବା ଭାରପ୍ରାପ୍ତ ସମ୍ପାଦକ ଅରୁଣ କୁମାର ଜେନା କହିଛନ୍ତି।

## ଅତିରିକ୍ତ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଲେ ଡାବୁଗାଁ ବିଧାୟକ

**ନବରଙ୍ଗପୁର,୨୬।୫(ବି.ପ୍ର.)**

ନବରଙ୍ଗପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିପାଉଛି। ଏହି ପରିପ୍ରେକ୍ଷୀରେ ସଂକ୍ରମିତଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ ୬ଟି ସିସିସି ଏବଂ ଗୋଟିଏ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଛି। ତେବେ ଜିଲାରେ ଆବଶ୍ୟକ ସଂଖ୍ୟାରେ ଡାକ୍ତର ନାହାନ୍ତି। ଫଳରେ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା ଏବଂ ସିସିସିଗୁଡ଼ିକରେ କରୋନା ସଂକ୍ରମିତଙ୍କୁ ଚିକିତ୍ସା ସେବା ଯୋଗାଇବାରେ ବାଧା ସୃଷ୍ଟି ହେଉଛି। ଏଭଳି ପରିସ୍ଥିତିରେ ଜିଲାରେ ଆବଶ୍ୟକ ଅନୁଯାୟୀ ଡାକ୍ତରଙ୍କୁ ନିଯୁକ୍ତି ନିମନ୍ତେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଅତିରିକ୍ତ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି।

## ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣା କରାଯାଉ

**ନବରଙ୍ଗପୁର,୨୬।୫(ବି.ପ୍ର.)**

ନବରଙ୍ଗପୁର ସହରର ମଧ୍ୟଭାଗରେ ଥିବା ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ସ୍ମୃତି ଉଦ୍ୟାନର ନବୀକରଣ କାମ ପୌର ପରିଷଦ ପକ୍ଷରୁ କରାଯାଉଛି। ଉଦ୍ୟାନ ପରିସରରେ ଥିବା ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ପ୍ରତି ଗୁରୁତ୍ୱ ଦେବାକୁ ସହରବାସୀ ଜିଲାପାଳଙ୍କୁ ଦରଖାସ୍ତ ମାଧ୍ୟମରେ ଅନୁରୋଧ କରିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ସଦାଶିବ ସ୍ମୃତି ପାର୍କର ନବୀକରଣ କାମ ପୌରପାଳିକା ଆରମ୍ଭ କରିଛି। ପାର୍କ ମଧ୍ୟଭାଗସ୍ଥିତ ଡ. ସଦାଶିବଙ୍କ ପ୍ରତିମୂର୍ତ୍ତି ଉପରେ ଥିବା ପୁରୁଣା ଟିଣ ସବୁ କାଢ଼ି ନୂତନ ଭାବରେ ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ କରି ଜିଲାର ଗୌରବଙ୍କ ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ସହରବାସୀ ଅନୁରୋଧ କରିଛନ୍ତି।

# ଘାଟିରେ ଓଲଟିଲା ଏସିଡ ବୋଝେଇ ଟ୍ୟାଙ୍କର

**ପଟ୍ଟାଙ୍ଗୀ,୨୬।୫(ଡି.ଏନ.ଏ.)**



କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ରାଲେଗଡା ଘାଟିରେ ବୁଧବାର ଭାରସାମ୍ୟ ଏକ ଏସିଡ ଟ୍ୟାଙ୍କର ଓଲଟିପଡିଛି। ଏଥିରେ ଡ୍ରାଇଭର ଗୁରୁତର ହୋଇଛନ୍ତି। ତାଙ୍କୁ ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଛି। ଖବରରୁ ଜଣାପଡିଛି ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳରୁ ଏକ ଟ୍ୟାଙ୍କର(ଓଡି୦୭ଏନ୍-୬୯୧୭) ଏସିଡ ବୋଝେଇ କରି କୋରାପୁଟ ଅଭିମୁଖେ ଯାଉଥିଲା। ରାଲେଗଡା ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଟ୍ୟାଙ୍କରରୁ ବୋହି ଯାଉଥିବା ଏସିଡ ଡ୍ରାଇଭର ଯୁଧିଷ୍ଠ ପାତ୍ରଙ୍କ ଉପରେ ପଡିବାରୁ ସେ ଗୁରୁତର ହୋଇଥିଲେ। ଖବର ପାଇ ରାଲେଗଡା ସରପଞ୍ଚ ତ୍ରିନାଥ କଟା କେତେକ ଲୋକଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ଟ୍ୟାଙ୍କର ଭିତରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ପଟ୍ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା।

## ବୋରିଗୁମ୍ମା ପ୍ରେସ କ୍ଲବ ଦେଲା ବିଡିଓଙ୍କୁ ଦାବିପତ୍ର

**ବୋରିଗୁମ୍ମା,୨୬।୫(ଡି.ଏନ.ଏ.)**

ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ, ଆଗଧାଡିର ଯୋଦ୍ଧା ବୋଲି ପ୍ରଶଂସା କରାଯାଉଛି। ମାତ୍ର ପ୍ରକୃତକ୍ଷେତ୍ରରେ ସାମ୍ବାଦିକଙ୍କୁ ଏହାର ବିପରୀତ ବ୍ୟବହାର ପ୍ରଦର୍ଶନ କରାଯାଉଛି। ଗତ କିଛି ଦିନ ତଳେ ପୁରୀରେ କାର୍ଯ୍ୟରତ ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ପୋଲିସ ମରଣାନ୍ତକ ଆକ୍ରମଣ କରିବା ଘଟଣା ସବୁ ସାମ୍ବାଦିକ ମହଲରେ ତୀବ୍ର ନିନ୍ଦା କରାଯାଉଛି। ଏହି ଘଟଣାକୁ ବୋରିଗୁମ୍ମା ପ୍ରେସ କ୍ଲବ ମଧ୍ୟ ନିନ୍ଦା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ପ୍ରଣୟ ରଞ୍ଜନ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ଏହି ଅବସରରେ ପ୍ରେସକ୍ଲବ ସଭାପତି ବିଜୟ ନାରାୟଣ ସାହୁ, ମୋହନ ଦୋରା, ରଞ୍ଜନ ମିଶ୍ର, ଫିମସ କୁମାର, ସାକିଲି ଦୋରା, ଦୟାନିଧି ପଟ୍ଟନାୟକ, ସୁଶୀଲ ଷଡ଼ଙ୍ଗୀ, ଅନନ୍ତ ରାଓ, କାଳୀ ପଣ୍ଡା, ସୁକାନ୍ତ ମାଝୀ, ଲୋକନାଥ ପଟ୍ଟନାୟକ ,ଶଙ୍କର ମହାନ୍ତି, ବିଶ୍ୱଜିତ ପାଣିଗ୍ରାହୀ, ମାନସ ହୋତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ସହଯୋଗ କଲା ଏସ୍‌ବିଆଇ




ଏସ୍‌ବିଆଇ କର୍ତ୍ତୃପକ୍ଷ ପ୍ରଶାସନକୁ ଉପକରଣ ହସ୍ତାନ୍ତର କରୁଛନ୍ତି।

**ରାୟଗଡ଼ା ଅଫିସ,୨୬।୫**

ରାୟଗଡ଼ା ଜିଲାରେ କରୋନା ମୁକାବିଲା କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଫାଉଣ୍ଡେଶନ। ସହରସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖା ଏବଂ ଏସ୍‌ବିଆଇ ଫାଉଣ୍ଡେଶନ ପକ୍ଷରୁ ଜିଲାର ଜେକେପୁରସ୍ଥିତ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ ଜରୁରୀ ଉପକରଣ ପ୍ରଦନ କରାଯାଇଛି। ୮ଲିଟର କ୍ଷମତା ବିଶିଷ୍ଟ ୫ଟି ୱାଟର ଡିସ୍‌ପେନସର, ୪୦ଟି ଡକ୍ଟର କ୍ୟାପ୍ ଏବଂ ୨ ଆଲୁମିନିୟମ ଶିଡ଼ି ଦିଆଯାଇଛି। ଜିଲାପାଳ ସରୋଜ କୁମାର ମିଶ୍ର ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ସାମଗ୍ରୀ ହସ୍ତାନ୍ତର କରାଯାଇଛି। ସଂକ୍ରମିତଙ୍କ ନିମନ୍ତେ ଉଷୁମ ପାନୀୟଜଳର ଆବଶ୍ୟକ ପଡୁଥିବାବେଳେ ୱାଟର ଡିସ୍‌ପେନ୍ସର ସହାୟକ ହେବ। ସମସ୍ତ ଉପକରଣ ପ୍ରଦାନବେଳେ ରାୟଗଡ଼ା ଏସ୍‌ବିଆଇର ତତ୍କାଳୀନ ଆଞ୍ଚଳିକ ପ୍ରବନ୍ଧକ ମାନସ ରଞ୍ଜନ ପ୍ରଧାନ, ଏଜିଏମ୍ ସିଦ୍ଧାର୍ଥ ମାଇତି, ନୂତନ ଆଞ୍ଚଳିକ ପ୍ରବନ୍ଧକ ଶଶାଙ୍କ ଶେଖର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# କଳା ଦିବସ ପାଳିଲା ସିପିଆଇ

- କ୍ଷତିଗ୍ରସ୍ତ ହେବେ ସାଧାରଣ ଖାଉଟି
- ଖାଦ୍ୟ ସଂରକ୍ଷଣ ପ୍ରକ୍ରିୟା ଘରୋଇ ମାଲିକାନାକୁ ଚାଲିଯିବ
- କୋରାପୁଟରେ ମଧ ହୋଇଥିଲା ବିକ୍ଷୋଭ

**ଜୟପୁର,୨୬।୫ (ନି.ପ୍ର.)**




ସିପିଆଇ ପକ୍ଷରୁ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

୩ଟି ଯାକ କୃଷି ଆଇନକୁ ବାତିଲ କରିବା ଦାବିରେ ଚାଲିଥିବା କୃଷକ ଆନ୍ଦୋଳନକୁ ମଙ୍ଗଳବାର ୬ମାସ ପୂରଣ ହୋଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଏହି ସର୍ବଭାରତୀୟ କଳାଦିବସ ପାଳିତ ହେଉଛି। ଏହି ଅବସରରେ କୋରାପୁଟ ଜିଲା ସିପିଆଇ ପକ୍ଷରୁ ଏନ୍‌ଏଚ୍-୨୬ ପାର୍ଶ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନଭେମ୍ବର ୨୬ରୁ ଏହି ଆନ୍ଦୋଳନ ଚାଲିଛି। ଏହି ଆଇନ ଲାଗୁ ହେଲେ ଅତ୍ୟାବଶ୍ୟକ ଖାଦ୍ୟ ସଂରକ୍ଷଣ ପ୍ରକ୍ରିୟା ଘରୋଇ ମାଲିକାନା ହାତକୁ ଚାଲିଯିବ। କୃଷି ବିପଣନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିବ। ସେତେବେଳେ ଗରିବ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇବା ଅସମ୍ଭବ ହେବ। ମଣ୍ଡି ବନ୍ଦ କରିବା ପାଇଁ ଏହା ଏକ ଷଡ଼ଯନ୍ତ୍ର । ଏଥିଯୋଗୁ କେବଳ କୃଷକ ନୁହନ୍ତି ସାଧାରଣ ଖାଉଟି ମଧ କ୍ଷତିଗ୍ରସ୍ତ ହେବେ। ଏହାକୁ ଦୃଷ୍ଟିରେ ରଖି ଏହି ଆଇନ ବାତିଲ ଦାବିରେ ସିପିଆଇ ପକ୍ଷରୁ ପ୍ରତୀକାତ୍ମକ କଳାଦିବସ ରୂପେ ଆନ୍ଦୋଳନ ଜାରି ରହିଛି। ଏଥିସହ ଦଳ ଲକ୍‌ଡାଉନ ଜାରି ରହିଥିବା ପର୍ଯ୍ୟନ୍ତ ସମସ୍ତଙ୍କୁ ମୁଣ୍ଡ ପିଛା ମାସିକ ୧୦ କେଜି ରାଶନ ସାମଗ୍ରୀ ଦେବା, ପ୍ରତି ପରିବାରକୁ ମାସିକ ୭,୫୦୦ ଟଙ୍କା ଯୋଗାଇଦେବା, ଗୋଟିଏ ଦେଶ ଗୋଟିଏ ଟିକାକରଣ କାର୍ଯ୍ୟକ୍ରମ କରିବା ନେଇ ଦାବି କରିଛି। ବିକ୍ଷୋଭ ପ୍ରଦର୍ଶନରେ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ପ୍ରଦୀପ ପାଙ୍ଗିଆ, ଶଶାଙ୍କ ଶେଖର ମଣ୍ଡଳ, ସୁଦର୍ଶନ ବିଷୋୟୀ, ତିରୁପତି ମାଲି, ନରସିଂହ ଜାନି ପ୍ରମୁଖ ସାମିଲ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲା ପକ୍ଷରୁ ମଧ ସଂଯୁକ୍ତ କିଷାନ ମୋର୍ଚ୍ଚାର ଆହ୍ୱାନକୁ ସମର୍ଥନକରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କରୋନା ମହାମାରୀର ଅନ୍ତ ପରେ ଏହି କୃଷକ ଆନ୍ଦୋଳନ ଆହୁରି ଜୋର୍‌ଦାର କରାଯିବ ବୋଲି ସିପିଆଇ ପକ୍ଷରୁ ଚେତାବନୀ ଦିଆଯାଇଛି।

